ସାଢ଼େ ଚାରିକୋଟି ଓଡ଼ିଆଙ୍କୁ ଧନ୍ୟବାଦ

ଚଳିତବର୍ଷ ଓଡ଼ିଶାରେ ପ୍ରଥମ ଥର ପାଇଁ ପାଳିତ ହୋଇଛି ଓଡ଼ିଆ ପକ୍ଷ। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସଠାରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ବହୁ ଆଡ଼ମ୍ବର ସହକାରେ ସାରା ରାଜ୍ୟରେ 'ଓଡ଼ିଆ ପକ୍ଷ'ର ପାଳନ କରାଯାଇଥିଲା। ଓଡ଼ିଆ ପକ୍ଷ ପାଳନକୁ ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତାର ମହାପର୍ବ ରୂପେ ପାଳନ କରାଯିବା ସହିତ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ନିଜର ଦୈନନ୍ଦିନ ଜୀବନର ଅଂଶବିଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଦେଶ କ୍ରମେ ଓଡ଼ିଆ ଘରର ଗାଥା-ଗୌରବ, କଥାସରିତା, ଚାଲି-ଚଳଣି, ଖାଦ୍ୟ-ପାନୀୟ, ପୋଷାକ-ପରିଧାନ ସଂସ୍କୃତି ଓ ପରମ୍ପରାକୁ ପୁନଶ୍ଚ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ୧୪ ଦିନ ଧରି ଓଡ଼ିଶାର ପ୍ରତ୍ୟେକ ବ୍ଲକ ଠାରୁ ଆରମ୍ଭ କରି ରାଜଧାନୀ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଥିଲା। ତେବେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶର ମାନ୍ୟତା ପାଇବାର ୯୦ ବର୍ଷ ପରେ ଓଡ଼ିଆ ପକ୍ଷ ପାଳନ କରାଯିବାର କଣ ପ୍ରୟୋଜନ ରହିଥିଲା, ତାହା ଅନେକଙ୍କ ମନରେ ହୁଏତ ପ୍ରଶ୍ନବାଚୀଟିଏ ସୃଷ୍ଟି କରିପାରେ, କିନ୍ତୁ ଏହାର ଗଭୀର ବିଶ୍ଳେଷଣ କଲେ ମନେହୁଏ ଯେ, ଓଡ଼ିଆ ମନର ଗଭୀର ଆବେଗ, ଓଡ଼ିଆ ପ୍ରାଣର ଆତ୍ମସ୍ପନ୍ଦନ ଏବଂ ଓଡ଼ିଆ ଚିନ୍ତାଚେତନାର ଅଭିବ୍ୟକ୍ତିକୁ ପ୍ରତୀତ କରିବା ପାଇଁ ଓଡ଼ିଆ ପକ୍ଷ ପାଳନର ବହୁ ଆବଶ୍ୟକତା ରହିଥିଲା।

ଆମ ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ, ଅନୈକ୍ୟ ମଧ୍ୟରେ ଐକ୍ୟ, ବୈସାଦୃଶ୍ୟ ମଧ୍ୟରେ ସାଦୃଶ୍ୟ ଏବଂ ବୈଷମ୍ୟ ମଧ୍ୟରେ ସାମ୍ୟ ଦୃଷ୍ଟି କରିବା ହିଁ ହେଉଛି ଆମ ଓଡ଼ିଆ ସଂସ୍କୃତିର ମୂଳମନ୍ତ୍ର। ଅନେକ ଶୂରବୀର, ବରପୁତ୍ରମାନଙ୍କ ପବିତ୍ର ଜନ୍ମମାଟି ଓଡ଼ିଶା, ସମୃଦ୍ଧ କଳା, ଶିଳ୍ପ ଓ ଭାସ୍କର୍ଯ୍ୟ, ସୁଦୀର୍ଘ ନଦୀ, ପର୍ବତ, ମନ୍ଦିର, ସରସ ସୁନ୍ଦର ସବୁଜିମା, ସୁନୀଳ ବେଳାଭୂମି ଏବଂ ସମ୍ମୋହିତ ପର୍ଯ୍ୟଟନ ବିଭବରେ ପରିପୂର୍ଣ୍ଣ। ତେବେ, ଅନେକ ସାମ୍ରାଜ୍ୟ ଓ ଜାତିର ଉତ୍ଥାନ ପତନ ହେବା ଭଳି ଏହି ଓଡ଼ିଆ ଜାତି ମଧ୍ୟ ଅନେକ ବାଧାବିଘ୍ନ ଦେଇ ଗତିକରିଛି। ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଏବଂ ପରେପରେ ଓଡ଼ିଆ ଜାତି, ଓଡ଼ିଆ ଭାଷା ଅବନତି ଆଡ଼କୁ ଗତି କରିବା ଆଦି ଘଟଣାକ୍ରମ ଓଡ଼ିଆ ଜାତିର ମେରୁଦଣ୍ଡ ଉପରେ ଏକ ଶକ୍ତ ପ୍ରହାର କରିଥିଲା ସତ, କିନ୍ତୁ ଏହା ଓଡ଼ିଆ ମନର ସ୍ୱାଭିମାନକୁ ଭାଙ୍ଗିବାରେ ଅକ୍ଷମ ହୋଇଥିଲା। ଫଳସ୍ୱରୂପ ଓଡ଼ିଆ ପରିଚୟ, ଓଡ଼ିଆ ଭାଷା ଓ ଓଡ଼ିଆ ଅସ୍ମିତାକୁ ନେଇ ହୋଇଥିବା ମୁକ୍ତି ସଂଗ୍ରାମରେ ଗୌରବଦୀପ୍ତ ଓଡ଼ିଆ ଜାତି ସାମିଲ ହୋଇଥିଲା। ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, କର୍ମବୀର ଗୌରୀଶଙ୍କର, ବ୍ୟାସକବି ଫକୀରମୋହନ, ସ୍ୱଭାବକବି ଗଙ୍ଗାଧର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଗୋପାଳଚନ୍ଦ୍ର ପ୍ରହରାଜ, ଭକ୍ତକବି ମଧୁସୂଦନ ରାଓ, ମା' ରମାଦେବୀଙ୍କ ଭଳି ଅନେକ ଭାଷାପ୍ରେମୀଙ୍କ ଅନବଦ୍ୟ ଅବଦାନରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଏବଂ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ପ୍ରାପ୍ତ କରିଥିଲା। ଓଡ଼ିଆ ଭାଷା ହିଁ ହୋଇଥିଲା ଓଡ଼ିଆ ଜାତୀୟତାର ମୂଳଭିତ୍ତି। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ଆମ ବରପୁତ୍ରମାନଙ୍କର ସାମୂହିକ ଉଦ୍ୟମ ଏବଂ ଭାଷାର ସାମର୍ଥ୍ୟକୁ ପ୍ରତିପାଦିତ କରିଥିଲା। କିନ୍ତୁ, ଏବେ ପ୍ରଶ୍ନ ଉଠେ ଯେ, ବର୍ତ୍ତମାନର ସମୟରେ ଆମେ ଆମ ଇତିହାସ, ସଂସ୍କୃତି, ବୀରତ୍ୱ, ସାମର୍ଥ୍ୟ ଓ ପରିଚୟ ସହିତ କେତେ ସଂପୃକ୍ତ ? ଆଜିର ଏହି କୃତ୍ରିମ ବୁଦ୍ଧିମତ୍ତା ଯୁଗର ଆଧୁନିକ ସ୍ୱପ୍ନରେ ଅତୀତର ସ୍ୱର୍ଣ୍ଣିମ ପୃଷ୍ଠା ସବୁ ବିସ୍ମୃତ ହୋଇଯାଇନି ତ ?

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ, ଓଡ଼ିଶା ସରକାର

୧୮୭୦ ମସିହାରେ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟରେ ଶିକ୍ଷକତା କରୁଥିବା ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଉକ୍ତି 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ' ଏବଂ ଏହି ଘଟଣାର ପ୍ରାୟ ୧୫୦ ବର୍ଷ ପରେ ଆଜିର ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ଉପରେ ପର୍ଯ୍ୟବସିତ ବିଭିନ୍ନ ସଫ୍ଟୱେର ଆପ୍ ର ଉତ୍ତର 'ଆଇ ଡୋଣ୍ଟ ଅଣ୍ଡରଷ୍ଟାଣ୍ଡ ଓଡ଼ିଆ ୟେଟ' ଏକ ଅସହଜ ସାମଞ୍ଜସ୍ୟ ଭଳି ମନେହୁଏ। ଓଡ଼ିଆ ଘର ବାହାଘର ସମୟର ପାରମ୍ପରିକ ବସ୍ତ୍ର ଧୋତି ଏବଂ ବଉଳ ପାଟର ସ୍ଥାନ ବର୍ତ୍ତମାନର ଶେରୱାନି ଓ ଲେହେଙ୍ଗା ନେବା, ଆରିଶା ଓ ଗଇଁଠା ପିଠାକୁ ଆଦରି ନେବା ଜାଗାରେ ପ୍ୟାନକେକ୍‌ର ଯୁଗ ଆସିବା, ଆଈ ମା' ର ସେ "ଧୋ ରେ ବାୟା" ଗୀତର ଶୂନ୍ୟସ୍ଥାନ ଆଧୁନିକ ଗୀତରେ ପରିପୂର୍ଣ୍ଣ ହେବା ଏବଂ ଗାଁ ଗହଳିରେ ଥଟ୍ଟା-ମଜା, ମଉଜ-ମଜଲିସ ଏବେ ଗହଳିପୂର୍ଣ୍ଣ ସପିଙ୍ଗ ମଲ୍‌ର ସେହି ନିର୍ଜନ କ୍ୟାଫେରେ ଏକତ୍ର ବସିବାର ପ୍ରଥାରେ ପରିଣତ ହେବା ହୁଏତ ସମୟର ଗତିଶୀଳତା ମଧ୍ୟରେ ପରିବର୍ତ୍ତନର ମାର୍ଗ ଭଳି ପ୍ରତୀୟମାନ ହୁଏ, କିନ୍ତୁ ଏହା ନିଶ୍ଚିତ ଭାବରେ ଓଡ଼ିଆ ମନକୁ ଆନ୍ଦୋଳିତ କରେ। ଏହାର ଆବଶ୍ୟକତା, ଯଥାର୍ଥତା ଏବଂ ଉପାଦେୟତା ଓଡ଼ିଆ ମନରେ ବିରୋଧାଭାସର ଭାବନାକୁ ମଧ୍ୟ ଜାଗରଣ କରିଥାଏ । ତେଣୁ ମନର ଏହି ଆନ୍ଦୋଳନ ଏବଂ ବିରୋଧାଭାସର ଦୋଛକିରେ ଓଡ଼ିଆ ପ୍ରୀତିକୁ ପୁନର୍ଜୀବିତ କରିବାର କଳ୍ପନାରେ ପରିକଳ୍ପିତ ହୋଇଥିଲା - "ଓଡ଼ିଆ ପକ୍ଷ"। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉଦ୍ୟମରେ ଆରମ୍ଭ ହୋଇଥିଲା ଓଡ଼ିଶା, ଓଡ଼ିଆ ଭାଷା ଏବଂ ଓଡ଼ିଆ ସଂସ୍କୃତିକୁ ନେଇ ଉତ୍ସବମୁଖର ହେବାର ଏହି ମହାର୍ଘ ଅବସର। ସାରା ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ମାସର ପହିଲା ପକ୍ଷକୁ ଓଡ଼ିଆ ପକ୍ଷ ଭାବେ ପାଳନ କରିଲେ ଓଡ଼ିଶାବାସୀ।

ଓଡ଼ିଆ ପକ୍ଷ ପାଳନର ପ୍ରତ୍ୟେକ ଦିବସ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ହୋଇଥିଲା। ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶାର ପ୍ରତିଷ୍ଠା ନିମନ୍ତେ "ଓଡ଼ିଶା ଦିବସ", ବିଦ୍ୟା ଅୟମାରମ୍ଭ ନିମନ୍ତେ "ଖଡ଼ିଛୁଆଁ ଉତ୍ସବ", ବୟନ ଅସ୍ମିତାର ମହାପର୍ବ "ଆମ ପୋଷାକ ଆମ ପରିଚୟ", ବ୍ୟାବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ନିମନ୍ତେ "ଓଡ଼ିଆ ନାମଫଳକ ସଚେତନତା ଅଭିଯାନ", ଓଡ଼ିଶାର ଗୌରବମୟ ଐତିହ୍ୟକୁ ବିଶ୍ୱବିଦିତ କରିବା ନିମନ୍ତେ "ଐତିହ୍ୟ ଗଣଦୌଡ଼", ଆମ ଦେବାଳୟ ଓ ଐତିହ୍ୟସ୍ଥଳୀଗୁଡ଼ିକରେ "ସ୍ୱଚ୍ଛତା ଅଭିଯାନ", ଭାଷା ଜ୍ଞାନର ପ୍ରାରମ୍ଭିକ ପୁସ୍ତକ "ବର୍ଣ୍ଣବୋଧ ବଣ୍ଟନ ଉତ୍ସବ", ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ "ରକ୍ତଦାନ ଅଭିଯାନ" ପୁସ୍ତକ ପଠନକୁ ଲୋକପ୍ରିୟ କରିବା ପାଇଁ "ଆସ ବହିଟିଏ କିଣିବା ଅଭିଯାନ", ଆମ ସମୃଦ୍ଧ ଲୋକକଳା ପାଇଁ "ଲୋକକଳା ପାଇଁ ଦିନଟିଏ", ସାହିତ୍ୟ ସୃଜନକୁ ପ୍ରୋତ୍ସାହନ ଦେବା ପାଇଁ "ଯୁବ ଲେଖକ ସମ୍ମିଳନୀ", ଓଡ଼ିଶାର ବନ୍ଦନୀୟ ବରପୁତ୍ରଙ୍କ ପାଇଁ "ବରପୁତ୍ରଙ୍କ ଉପରେ ଆଲୋଚନାଚକ୍ର", ଓଡ଼ିଆ ଘରର ନଅ ତିଅଣ, ଛଅ ଭଜାର ପ୍ରଚାରପ୍ରସାର ପାଇଁ "ଆମ ରୁଚି ଆମ ଖାଦ୍ୟ" ଏବଂ ଶେଷରେ ଓଡ଼ିଆ ନବବର୍ଷକୁ "ଆମ ନବ ବର୍ଷ ଆମ ଗୌରବ" ଦିବସ ଭାବରେ ପାଳନ କରାଯାଇଥିଲା। ଓଡ଼ିଆ ପକ୍ଷ ପାଳନର ପ୍ରତ୍ୟେକ ଦିବସ ନିଜକୁ ନିଜ ସହିତ ପୁନଃସମ୍ପର୍କିତ ଏବଂ ପୁନଃସଂଯୋଜିତ କରିବାର ଅବସର ପ୍ରଦାନ କରିଥିଲା। ଓଡ଼ିଆ ପକ୍ଷ ପାଳନର ପରିକଳ୍ପନା ସେତେବେଳେ ସଫଳ ହୋଇଥିଲା ଯେତେବେଳେ ସାଧାରଣ ଲୋକେ ଏହାକୁ ନିଜର ଭାବି ଏଥିରେ ସଂଶ୍ଳିଷ୍ଟ ହୋଇଥିଲେ। ଓଡ଼ିଆ ପକ୍ଷ ପାଳନ ପାଇଁ ନିର୍ମିତ ସ୍ୱତନ୍ତ୍ର ୱେବସାଇଟ୍ www.odiapakhya.comରେ ଓଡ଼ିଆ ପକ୍ଷ କୁଇଜ୍‌ରେ ଭାଗନେଇ ୩ଲକ୍ଷରୁ ଊର୍ଦ୍ଧ୍ୱ ଡିଜିଟାଲ ପ୍ରମାଣପତ୍ର ଡାଉନଲୋଡ଼ ହେବା, ୧ଲକ୍ଷରୁ ଊର୍ଦ୍ଧ୍ୱ ସେଲ୍ଫି ଅପଲୋଡ଼ ହେବା ଏବଂ ଓଡ଼ିଆ ପକ୍ଷ ପାଳନ ଅବସରରେ ନିର୍ମିତ ସଂଗୀତ 'ମୁଁ ଓଡ଼ିଆ'କୁ ସାମାଜିକ ଗଣମାଧ୍ୟମରେ ବହୁ ମାତ୍ରାରେ ଭଲ ପାଇବା ମିଳିବା ଆଦି ଓଡ଼ିଶାବାସୀଙ୍କ ମଧ୍ୟରେ ଓଡ଼ିଆ ଭାଷା, ଓଡ଼ିଆ ଜାତି ପାଇଁ ରହିଥିବା ନିଚ୍ଛକ ଭଲ ପାଇବାକୁ ସୂଚାଇ ଥିଲା। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆମାନଙ୍କ ମଧ୍ୟରେ ରହିଥିବା ଉତ୍ସାହ, ଆକାଂକ୍ଷା ଓ ଉଦ୍ଦୀପନା ଓଡ଼ିଆ ଜାତିର ଏକପ୍ରକାର ନବକଳେବର କରିପାରିଛି ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବନାହିଁ। ମୁଁ ଏଥିପାଇଁ ମୋର ପ୍ରିୟ ଓଡ଼ିଶାବାସୀ ଏବଂ ଦୁନିଆର କୋଣଅନୁକୋଣରେ ରହୁଥିବା ସମସ୍ତ ଓଡ଼ିଆଙ୍କୁ ସହୃଦୟତାର ସହ ଧନ୍ୟବାଦ ଜ୍ଞାପନ କରୁଛି।

ଆଜି ଓଡ଼ିଆ ପକ୍ଷ ପାଳନର ସମାପନ ହୋଇଛି ସତ, କିନ୍ତୁ ମାତୃଭୂମି ଓଡ଼ିଶା ଓ ମାତୃଭାଷା ଓଡ଼ିଆକୁ ଭଲ ପାଇବା କେବେହେଲେ ସମୟଚକ୍ର ମଧ୍ୟରେ ଆବଦ୍ଧ ହୋଇ ନପାରେ। ଓଡ଼ିଆ ପକ୍ଷ ପାଳନ ସମାରୋହ ଆମକୁ ସୂଚାଇଦେଇଛି ଯେ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ଗଠନ ନିମନ୍ତେ ଓଡ଼ିଆ ସଂସ୍କୃତିର ପୁନଃଜାଗରଣ ହେବାର ଏକାନ୍ତ ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଶନ ପୂର୍ବୋଦୟ ଲକ୍ଷ୍ୟ ହାସଲ କରିବାରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାଷା, ସାହିତ୍ୟ ଆଦିର ପ୍ରମୁଖ ଭୂମିକା ମଧ୍ୟ ରହିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ପାଳିତ ହୋଇଥିବା ଓଡ଼ିଆ ପକ୍ଷକୁ ଏକ ଜନ ସମାରୋହରେ ରୂପାନ୍ତରିତ କରିବାରେ ଆମ ଯୁବପିଢ଼ିଙ୍କ ଉଦ୍ୟମ ଆମକୁ ଆହୁରି ଓଡ଼ିଆମନସ୍କ ହେବା ପାଇଁ ପ୍ରେରଣା ଯୋଗାଇଛି।

ତେବେ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସହିତ ସମ୍ପୃକ୍ତ ହେବାର ଏହି ଗତିକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଆମ ଓଡ଼ିଆ ଅସ୍ମିତାକୁ ବିଶ୍ୱବିଦିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

OFFICE OF THE PRINCIPAL
SONEPUR COLLEGE, SONEPUR
N
No.:1015 **Date:19.04.2025**
CORRIGENDUM TO QUOTATION CALL NOTICE
No.870 Dated 08.04.2025

The Undersigned has cancelled the procurement of Inverter with battery and invited quotation for 12 numbers of UPS. The last date of submission of bid is also extended up to 30.04.2025. Interested bidders are requested to visit the College website **www.sonepurcollege.org.in** for further details and specifications.

Sd/-Principal,
Sonepur College
OIPR 11119/11/0003/2526

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍),ସିଏସ୍‌ଆର୍ ପଦକ୍ଷେପ ଅନ୍ତର୍ଗତ ଏମ୍‌ସିଏଲ୍ ଦ୍ୱାରା ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ (ପିଏପି) ପାଇଁ ଏମ୍‌ସିଏଲ୍ କମାଣ୍ଡ ଅଞ୍ଚଳ ଗୁଡ଼ିକରେ, ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଖୋଲିବା ସମର୍ଥନରେ ପ୍ରସ୍ତାବ ଦେଉଛି। ଆଗ୍ରହୀ ପିଏପିଙ୍କ ଚିହ୍ନଟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଉଛି। ଏହି ବିଜ୍ଞପ୍ତି ଆବେଦନକାରୀଙ୍କୁ କୌଣସି ଅଧିକାର ପ୍ରଦାନ କରିନାହିଁ, କିମ୍ବା ଏହା ମାଧ୍ୟମରେ ଏମ୍‌ସିଏଲ୍ କୌଣସି ସୁବିଧା ପ୍ରଦାନ କରିବା ପାଇଁ ବାଧ୍ୟ ନୁହେଁ। ନିମ୍ନଲିଖିତ ଯୋଗ୍ୟତା ପୂରଣ କରୁଥିବା ପିଏପି ଏବଂ ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଖୋଲିବା ପାଇଁ ଆଗ୍ରହୀ ବ୍ୟକ୍ତିମାନେ ପାନ୍ କାର୍ଡ ଓ ଆଧାର କାର୍ଡର ସ୍ୱ-ପ୍ରମାଣିତ ନକଲ ପତ୍ର ସହ ଆବେଦନ ଦାଖଲ କରିପାରିବେ।

ଯୋଗ୍ୟତା ପରିସର: ୧.ଆବେଦନକାରୀ ଏମ୍‌ସିଏଲ୍‌ର ଜଣେ ଅଣ-କର୍ମଚାରୀ ପିଏପି ହୋଇଥିବା ଆବଶ୍ୟକ। (ପିଏପି ପ୍ରମାଣପତ୍ର ସଂଲଗ୍ନ କରନ୍ତୁ), ୨. ଆବେଦନକାରୀ ଜଣକ ଫାର୍ମାସିରେ ସ୍ନାତକ କିମ୍ବା କୌଣସି ଅନୁମୋଦନପ୍ରାପ୍ତ ଅନୁଷ୍ଠାନରୁ ଫାର୍ମାସିରେ ଡିପ୍ଲୋମା କରିଥିବା ଆବଶ୍ୟକ।, ୩. ନାମ ଓ ରାଜ୍ୟ-ପରିଷଦ ସହ ପଞ୍ଜୀକୃତ ହୋଇଥିବା ଫାର୍ମାସିଷ୍ଟ ଲାଇସେନ୍ସର ପ୍ରମାଣ ପତ୍ର ଇତ୍ୟାଦି ଆବଶ୍ୟକ। (ନଚେତ୍ ଏହା ଜନ ଔଷଧି କେନ୍ଦ୍ରର ଚୂଡ଼ାନ୍ତ ଅନୁମୋଦନ ସମୟରେ ଦାଖଲ କରାଯାଇପାରିବ), ୪.ଯଦି ଆବେଦନକାରୀ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମ ବର୍ଗର ହୋଇଥାନ୍ତି, ତେବେ ସମ୍ପୃକ୍ତ ଅଧିକାରୀଙ୍କଠାରୁ ଏହାର ପ୍ରମାଣପତ୍ର ଆବଶ୍ୟକ।, ୫. ବର୍ତ୍ତମାନ ସମୟରେ ଆବେଦନକାରୀ ଉତ୍ତମ ଚରିତ୍ର ସହ ବେରୋଜଗାର ହୋଇଥିବା ଆବଶ୍ୟକ। ଭରତପୁର, ଲଖନପୁର ଏବଂ ବସୁନ୍ଧରା ଅଞ୍ଚଳ ଗୁଡ଼ିକରେ ଜନ ଔଷଧି କେନ୍ଦ୍ର ଖୋଲାଯିବ।

ଏହି କେନ୍ଦ୍ର ଖୋଲିବା ପାଇଁ ଆବଶ୍ୟକ ଥିବା ସ୍ଥାନ ଗୁଡ଼ିକ ଡାକ୍ତରଖାନା କିମ୍ବା ଡିସ୍‌ପେନ୍‌ସରୀ ଥିବା ପରିସରରେ ଏମ୍‌ସିଏଲ୍ ଦ୍ୱାରା ଯୋଗାଇଦିଆଯିବ। PMBJK ଖୋଲିବା ପାଇଁ PMBI ସହିତ ପଞ୍ଜୀକରଣର ଦାୟିତ୍ୱ ଆବେଦନକାରୀଙ୍କର ରହିବ। ଏମ୍‌ସିଏଲ୍‌ର ଆଗ୍ରହୀ ଅଣ-କର୍ମଚାରୀ ପିଏପିଙ୍କୁ ୧୦.୦୫.୨୦୨୫ ତାରିଖ କିମ୍ବା ଏହା ପୂର୍ବରୁ ଏକ ସିଲ୍ କରାଯାଇଥିବା କଭର ମଧ୍ୟରେ "ଜନ ଔଷଧି କେନ୍ଦ୍ର ଖୋଲିବା ପାଇଁ ଆବେଦନ" ନାମରେ ଡାକ ଦ୍ୱାରା କିମ୍ବା ସିଏସ୍‌ଏମ୍ ଏମ୍‌ସିଏଲ୍‌ର କାର୍ଯ୍ୟାଳୟରେ ଶାରୀରିକ ଭାବେ ଦାଖଲ କରିବାକୁ ଅନୁରୋଧ କରାଯାଉଛି। ଠିକଣା: ଚିକିତ୍ସା ସେବା ମୁଖ୍ୟ, ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍, ଜାଗୃତି ବିହାର, ବୁର୍ଲା, ସମ୍ବଲପୁର, ଓଡ଼ିଶା, ୭୬୮୦୨୦। ଦାଖଲ କରିବାକୁ ଥିବା ଦସ୍ତାବିଜ: ନିଜ ପସନ୍ଦର ସ୍ଥାନ ସହ ଆବେଦନ ପତ୍ର, ଠିକଣା ପ୍ରମାଣ ପତ୍ରର ନକଲ, ପାନ୍ କାର୍ଡର ନକଲ, ପିଏପି ଦସ୍ତାବିଜର ନକଲ, ଯଦି କୌଣସି ବର୍ଗ ପ୍ରମାଣପତ୍ର ଅଛି, ଏହାର ନକଲ, ଦଶମ କିମ୍ବା ଡିପ୍ଲୋମା ଡିଗ୍ରୀ ପ୍ରମାଣପତ୍ରର ନକଲ, ଫାର୍ମାସୀ ଲାଇସେନ୍ସର ନକଲ, ଚାକିରି ନ କରିବାର ପ୍ରମାଣପତ୍ର ଏବଂ ଉତ୍ତମ ନୈତିକ ଚରିତ୍ର ପ୍ରମାଣପତ୍ର। ଏଥିରେ କୌଣସି ସନ୍ଦେହ ଥିଲେ, ଦୟାକରି cms.mcl@coalindia.inରେ ଇମେଲ୍ କିମ୍ବା ୦୬୬୩୨୫୪୨୫୬୦ ନମ୍ବରରେ ଯୋଗାଯୋଗ କରନ୍ତୁ।

ସ୍ୱା/-
ଚିକିତ୍ସା ସେବା ମୁଖ୍ୟ, ଏମ୍‌ସିଏଲ୍
R-5250

ସମ୍ବାଦ classifieds

classifieds@sambad.in

SMALL SPACE BIG RESPONSE

Bhubaneswar : Pratyush - 8328925745, **Cuttack :** Somya - 7008660675, **Jajpur :** Santanu - 9178611996, **Angul :** Subash - 7008634710, **Baleswar:** Iftkar -7008156440, **Berhampur :** Dillip - 7008066808, **Jeypore :** Ajit - 9438842693, **Rourkela :** Rajesh - 7608000428, **Sambalpur :** Ashok - 7008381155

MATRIMONY

OD241116184 Brahmin Groom Age- 33 yrs, Height-6', B.Tech, ORS Father Retd. Professor, looking for suitable proposal. Contact- 7873602222, www.emarriages.in

OD241222852 Brahmin Groom, 29yrs, B.Tech (NIT) & MBA (IIM) Job: Manager, Father Scientist. Looking Suitable proposal. Contact: 7381302222, www.emarriages.in

KARAN bride - age 26y/5'3", B.tech, software engineer in a MNC with 6.5lpa at Bangalore. Father state govt Retired class-1 officer. Looking for suitable groom software engineer (minimum 15 to 20lpa). Only only interested parents can contact at this mobile number- 9937328966/ 9437188370.

OD230920654 Brahmin Bride, Born- 1998, MBBS, DOCTOR, Parents Govt. Officers, educated family, Looking for Suitable proposal. Contact: 9040030052. www.emarriages.in

OD230929118 Brahmin Bride Age- 26yrs, B.Tech (Burla), Job- Software Engineer (INFOSYS), Father State Govt. Officer. Contact- 9040030046, www.emarriages.in

OD230307291 Civil Servant Groom, 31yrs, B.Tech (NIT), Class-1 Officer (Central Govt.), Father Principal, Only Son, Caste No-Bar. Contact- 7381702222, www.emarriages.in

BENGALI vaidya Brahmin, Groom- 39 years old, researcher at USA. Wanted beautiful, educated bengali bride, Cast- No bar, Preferably Msc or PhD. Contact No- 9437325174.

OD250224013 Non-Working Brahmin Bride, Age-24 yrs, B.Tech, Father Doctor. Looking for Suitable proposal. Contact: 9861924080, www.emarriages.in

ବୟସ 28 Science BEd, MEd, PG (Zoology) ପଢ଼ିଥିବା ଗୌର ବର୍ଣ୍ଣ ତନ୍ତୀ ଜାତିର ଝିଅ ପାଇଁ ସରକାରୀ ଚାକିରି କରିଥିବାତନ୍ତୀ ଜାତିର ବରପାତ୍ର ଆବଶ୍ୟକ। Mob- 7326045064

50 ବର୍ଷ, 5'4", ସରକାରୀ ଚାକିରି, ଦରମା- 92,000/- ମହିଳାଙ୍କ ପାଇଁ ବିଧବା, ଛାଡ଼ପତ୍ର, ଅବିବାହିତ, ଘରଜ୍ୱାଇଁ ଆବଶ୍ୟକ। 7049223550

ଭୁବନେଶ୍ୱରସ୍ଥିତ ପରିବାରରେ, **38** ବର୍ଷ ପୁଅଙ୍କ ପାଇଁ ସୁନ୍ଦରୀ ଶିକ୍ଷିତ କନ୍ୟା ଆବଶ୍ୟକ। (୨ବର୍ଷର ପୁଅ ଅଛି) ଯୋଗାଯୋଗ: **8917676959, 7008632221**

WANTED Grooms (PG Clinical Doctors only) Khandayat / Karana, 35-37 years, height above 5'8" for Khandayat bride, DOB March 1991, height 5.7" continuing PG in Surgery. Contact- 9831958578

SALE/PURCHASE

ଭୁବନେଶ୍ୱର ନିକଟସ୍ଥ **SUM Hospital**ରୁ **4k.m.** ମଧ୍ୟରେ **100ft. Blacktop Road**କୁ ଲାଗି ଘରବାରି ପ୍ଲଟ୍ **Sqft.- 4000/-**ରେ ମିଳୁଅଛି। **Contact:6370886519**

କଟକ- ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ **Plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9124321519.**

କଟକ- ଜଗତପୁର (ପଦ୍ମପୁର)ରେ ରୋଡ, ପାଚେରୀ ହୋଇକି ପ୍ଲଟ୍ ମିଳୁଛି। (per sqft 550ଟଙ୍କା) Mobile- 7978201906

ଭୁବନେଶ୍ୱର Uttara ବାଳକାଟି ବଜାର ପାଖରେ ତୁରନ୍ତ ଘର କଲାଭଳି ଘରବାରି ପ୍ଲଟ୍ 30ft. Road, Boundary, Electricity ଥାଇ ବିକ୍ରିହେବ। Contact: 9938498336, 9438331574.

BOOK premium 3BHK Flat at Jharapada, Near Jagannath Avenue, Canal Road, Bhubaneswar with amenities @6000/- per sqft. Contact: 7978584549.

PRIME plot for sale:- 2,000sqft. Litigation Free Gharabari Plot at Patia, Bhubaneswar near KIIT Jagannath Mandir for Sale. Mob- 9658651999

BOOKINGS OPEN: 3/3.5BHK Residential flats in Shuvam Meadows(G+17) at Patia(ORERA NO. RP/19/2023/01018) & 2/3/3.5/4BHK Residential flats in Shuvam Avenue (G+14) at Ghatikia(ORERA NO. RP/19/2024/01114), website:https://rera.odisha.gov.in. Contact: Shuvam Construction (P) Ltd. Mobile:9437300768, 9437482693, 7205801888.

ଭୁବନେଶ୍ୱର ହସପାଟାଲରୁ 11 K.M ମୌଜା- ବିଶରପୁର ସିଙ୍ଗଡାସାହି ଛକ ପାଖରେ 1300 sqft. କୁ 3,12,000/-ରେ ପ୍ଲଟ୍ ବିକ୍ରି ହେବ (outright) 9114705579.

1800 Sqft. Plot for Sale at Bidyadharpur, Trisulia, Cuttack, Price: 1900/- per Sqft. Whatsapp: 9437011506, 6371462496.

LITIGATION free residential developed plots, immediate possession registration, near Tamando (Patrapada) sqft.2600, Dhauli sqft.1650, Hitech sqft. (600-1300). 9776456797, 8917669050.

2BHK Heart of the City Prime Location. apartment with Garage at Utkal Royal Residency for Sale at Kalpana Square, Beside Utkal Galleria Mall. Contact: 8249818817.

MAUZA- Malipada, near SUM Hospital ସ୍ଥିତିବାନ୍ ଘରବାରି **Converted single plot area 2200sqft. near Metro Road side**ରେ ବିକ୍ରିହେବ। **Price negotiable. Contact-9937939683.**

BHUBANESWAR ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ୍-**2**, ନିକଟରେ ଘରବାରୀ ପ୍ଲଟ୍ **1250/Sqft.**ରେ ବିକ୍ରୟ କରାଯାଉଛି। **Whatsapp: 9437011506, 6371462496.**

ଟାଙ୍ଗୀ ଖୋର୍ଦ୍ଧା ପ୍ରସବିତ NH ଓ ଚୌଦ୍ୱାର ଏରିଆରେ Investmentରେ ପ୍ଲଟ୍ କିଣିବାକୁ ଯୋଗାଯୋଗ କରନ୍ତୁ। Contact- 8658078796.

ଇଟିପୁର **R.I** ଅଧୀନ ପଳାଶପୁର ଶାସନରେ ଥିବା **2400sqft.** ର ଘର କରିବା ଯୋଗ୍ୟ ଜାଗା ଏବଂ ଓରକଳ ସୁନ୍ଦରପଦାରେ ଥିବା **760sqft. SBA** ତୁରନ୍ତ ରହିବା ଭଳି ଫ୍ଲାଟ୍ ବିକ୍ରିହେବ। **Contact- 9937346030.**

CV Raman College ପାଖରେ Yellow Zone ପ୍ଲଟ 12500 Sqft. ବିକ୍ରିହେବ। Contact: 9778928492/ 9937910363

ଭୁବନେଶ୍ୱର ଜନପଥ Bapuji Nagarରେ ୪୮୦୦ ବର୍ଗଫୁଟ ପ୍ଲଟ୍ ଘର ସହିତ ବିକ୍ରି ହେବ। Contact: 9778928492/ 9937910363.

FORD genuine parts for sale. Interested distributors, wholesalers and retailers can contact : 9437254472

ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟବର୍ତ୍ତୀ 30ft. ରାସ୍ତା, Boundary, ଇଲେକ୍ଟ୍ରିସିଟିଥାଇ Govt. Road କୁ ଲାଗି ଘରବାରି ପ୍ଲଟ୍ ମିଳୁଛି।Contact- 9090142564, 9437177900.

LUXURIOUS 3BHK flats available for Booking at Pokhariput, Bhubaneswar, (near DAV & Central School and Mini Stadium) Price-1.25Cr. Contact- 7978630828,9861052040.

3 storied building, 200mts from NH, near Krupajal, Uttara, Bhubaneswar. Call- 8917520527.

BDA Approved Triplex for Sale near Fulnakhara Chhak (In- Between Twin City CTC.- BBSR). (Loan Facility Available). Detail- 9338401309, 9853916309.

BHUBANESWAR ନିକଟସ୍ଥ ସାମନ୍ତରାପୁରର ନୂଆଗାଁ ରେ ଘରବାଡି ଜମି ବାଉଣ୍ଡରୀ Residential plot for sale ସବୁ ସୁବିଧା ସହ। Mobile- 9821104789.

GHARABARI Plot 2400 sqft. (60'X40') Layout approval Near KIIT Campus, Patia, Bhubaneswar with 30' Road for immediate sale. Contact- 9938373904

GHARABARI Plot at Satyasai Enclave, Khandagir, Bhubaneswar 3000 sqft. (60'X50') Backside of AMRI Hospital for immediate sale. Contact- 9938563585

GHARABARI plot with compoundwall 52X40=2080sqft. at lowest price 7K.M from Nakhara 12K.M from Bhubaneswar also instalment basics (middle of CTC & BBSR) No interest-7809525452.



TO-LET

2000 Sft. Ground Floor fully furnished House having 3 Bedroom with 3Toilet, Drawing, dining and Kitchen with Car Garage for rent, Preferable Corporate or Bank Guest House at Bhubaneswar. Contact: 9439175848, 8249871505.

TO LET: 3BHK 1st floor Srigurunagar, Via- Nuagaon Municipality Road. Family Contact- 9437666837, 9040468244.

4000-4500 Sqft. Built up Area in Ground & First Floor for Renting out as Residential/ Commercial purpose in Sahidnagar. Outhouse/ Servant room provided at the back. Strictly not for Guest House/ Hostel. Contact: 9861095146 (Mobile/ Message on Whatsapp)

RENT for (Residential/ Office) flat at Jharapada Ganesh Mandap Chhaka, Bhubaneswar. Contact for details: 7978450312, 9040096747.

S-3 Phase-II Third Floor Maitri Vihar, Bhubaneswar Infront of Maitri Vihar Police Station Area fifteen hundred Square feet. Contact: 9861063290.

2BHK ground floor Independant House at Bapuji Nagar Bhubaneswar, For Office/ Commercial purpose/ Family. Contact: 9437347177

TO-LET:- 1BHK Room (500 sqft) in 2nd floor IRC Village Near Hotel Crown. Contact - 9556750952.



AFFIDAVIT

I, (Ananya Subudhi) D/O- (Rudra Narayan Dalal) born on (01/01/1986) residing at (At- Paga Salepur, Po-Salepur, P.S-Salepur, Dist-Cuttack, Pin-754202), have changed my name to (Ananya Dalal) vide affidavit dated(16/04/2025) at(Cuttack).

I, Rajesh Oram, S/o- Late Lale Oram, R/o- Kurebaga, Ps- Badmal, Dist-Jharsuguda, 768202, have changed my name to Raju Oram for all future purposes. Vide- Affidavit No.24, Dt-17.04.25, sworn before the Notary R.M Patel .Jharsuguda, Odisha

BY virtue of an affidavit sworn before the Notary, Balangir, Dated-15/04/2025, I, Narendra Kumar Majhi, At/Po-Rusuda, Ps-Tusura, Dist- Balangir, declare that I have changed my name from Narendra Majhi to Narendra Kumar Majhi. Henceforth, I shall be known in my new name as Narendra Kumar Majhi for all future purposes

I, Suryakanta Pattnaik, S/o- Barada Prasad Pattnaik, Lane No.8, Satabdi Nagar, Unit-8, Bhubaneswar, Dist- Khorda, Pin-751003 Odisha, declare by this affidavit No. 348, dtd-17/04/2025, that now onwards, I shall be known as Suryakant Pattnaik for all future purposes.

BY virtue of an affidavit No.1857 Dtd.13.02.2025. I Prajnya Parimita Behera, W/o-Ganapati Das, Vill.-Uttarchak, P.O.- Barunsing, Via-Sergarh, P.S-Khantapada, Dist- Balasore, Odisha-756060. My actual name is "Prajnya Parimita Behera & DOB- 12.02.1998" mentioned in my all documents. But in my Aadhaar Card No.607473203024 my name wrongly mentioned as "Pragyanaparamita Behera & DOB-05.03.1998" instead of "Prajnya Parimita Behera & DOB-12.02.1998". Both are same & one person. Henceforth I shall be known as"Prajnya Parimita Behera & DOB-12.02.1998" for all future purpose.

BY virtue of an affidavit before the Notary Public, Cuttack, I, Rajalaxmi Samal, W/o Hrushiksha Samal, At Badanainpur, Po- Bagada, Kendrapara- 754212, Odisha declare that after marriage I have changed my surname Rajalaxmi Dhal to Rajalaxmi Samal. Henceforth I shall be known as Rajalaxmi Samal for all purposes.

I, Suryapratap Singh, S/o - Subhash Singh Tomar, permanent resident of E-7/71, Lala Lajpat Rai Society, Arera colony, Bhopal, MP, 462016, Present address is B-13, IRC Village, Nayapalli, Bhubaneswar, 751012 declare by Affidavit No. CF 765 Dt:-15/11/23 that now onwards I shall be known as Suryapratap Singh Tomar for all future purposes.

I Sunil Kumar Agrawal, S/o. Kailash Prasad Agrawal, R/o.Nadipada, Ward No.1, Bargarh, C/o.Kailash Hardware Store, P.O./P.S/ Dist.Bargarh declare that I have change my daughter's name from Satakchi Agrawal to Sakshi Agrawal. Hence she shall be known as Sakshi Agrawal for all future purposes.

CONSTRUCTION

CONSTRUCT your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.

ASTROLOGY

ଗୋଲ୍ଡ ମେଡାଲିଷ୍ଟ ବାବା ହନିଫଜୀ, **A-Z** ସମସ୍ୟାର ସମାଧାନ। ପ୍ରେମକାରବାର, ସଉତୁଣୀ, ଶତ୍ରୁମୁକ୍ତି, ଯାଦୁମନ୍ତ୍ର, ଅସୁସ୍ଥତା, କ୍ୟାରିୟର, ଗୃହଦୋଷ, ବଶୀକରଣ, ମୂଠକରଣୀ ସ୍ପେଶାଲିଷ୍ଟ। **My Promise. 9810214717.**

କରିମ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ, ଘରେ ବସି ଦଶ ଘଣ୍ଟାରେ ସମାଧାନ, ବିବାହ ସମସ୍ୟା, ଲଭମ୍ୟାରେଜ୍, ସଉତୁଣୀ, ଶତ୍ରୁମୁକ୍ତି, ବଶୀକରଣ, A-Z ସମାଧାନ, My Promise. 9560587024.

Now
Classifieds
Advertisement
Everyday

ପାଠକୀୟ ସୂଚନା

ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ଗୁଡ଼ିକର ଦାବି ସମ୍ପୃକ୍ତ ବିଜ୍ଞାପନଦାତାଙ୍କ ନିଜସ୍ୱ ଦାବି। ଏ ସମ୍ପର୍କରେ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇ ନ ଥାଏ କିମ୍ବା ଏଥିପାଇଁ ଖବରକାଗଜ ବା ଏହାର କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନ ଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସମ୍ପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ପାଇଁ ଏତଦ୍ୱାରା ସୂଚାଇ ଦିଆଯାଉଛି।